# REGIONAL NEWS UNIT, AIR CUTTACK

## Midday Bulletin (2.32PM)

### 30 May - 2026

**********************************

## ମୁଖ୍ୟ ସମ୍ବାଦ

- ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟ ନେଇ ରାଜ୍ୟରେ ଆଜିଠାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା
- ବିଜେପି ସରକାରର ଦୁଇ ବର୍ଷ ପୂରଣ ଅବସରରେ ଆସନ୍ତା ମଙ୍ଗଳବାରଠାରୁ ବିଭାଗୀୟ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ
- ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଆଣିବା ପାଇଁ ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ କୁଳପତି ସମ୍ମିଳନୀ

ଏବଂ

- ପ୍ରଥମ ହିନ୍ଦୀ ସମ୍ବାଦପତ୍ର ଉଦନ୍ତ-ମାର୍ତ୍ତଣ୍ଡ ସ୍ମୃତିରେ ଆଜି ପାଳନ କରାଯାଉଛି ହିନ୍ଦୀ ସାମ୍ବାଦିକତା ଦିବସ

# ଏସ୍.ଆଇ.ଆର୍.

ରାଜ୍ୟରେ ଆଜିଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍. ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଥ୍ ସ୍ତରୀୟ ଅଧିକାରୀ–ବି.ଏଲ୍.ଓ.ମାନେ ଘରକୁ ଘର ବୁଲି ଦୁଇଟି ପରିଗଣନା ଫର୍ମ ପ୍ରଦାନ କରୁଛନ୍ତି। ଏଥିରେ ଭୋଟରଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଯାଞ୍ଚ ସହ ସାମାନ୍ୟ ତ୍ରୁଟି ସଂଶୋଧନ କରାଯାଉଛି । ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବି.ଏଲ୍.ଓ ନିୟୋଜିତ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ ସୂଚନା ଦେଇଛନ୍ତି ।

ଏସ୍.ଆଇ.ଆର୍.ରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ରାଜନୈତିକ ଦଳଙ୍କ ସହଭାଗିତାରେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ବୁଥ୍ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରାଯାଇଛି। ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ତାଲିକାରୁ ବାଦ୍ ନପଡ଼ିବା ତଥା ଅଯୋଗ୍ୟ ବ୍ୟକ୍ତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହେବା ପ୍ରତି ବୁଥ୍ସ୍ତରୀୟ ଅଧିକାରୀ–ବି.ଏଲ୍.ଓ'ଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

କର୍ତ୍ତବ୍ୟ ସମୟରେ ବିଏଲ୍‌ଓମାନେ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଲେ ସେମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରଙ୍କ ସହ ଆଲୋଚନା କରାଯାଇଥିବା ଶ୍ରୀ ଗୋପାଳନ କହିଛନ୍ତି। ଏସ୍.ଆଇ.ଆର୍. ପ୍ରକ୍ରିୟା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

Ganjam/Malkangiri

## ଜିଲ୍ଲା– ଏସ୍.ଆଇ.ଆର୍

ମାଲକାନଗିରି ଜିଲ୍ଲାରେ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ନିମନ୍ତେ ଆଜିଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍ କାର୍ଯ୍ୟକ୍ରମ ଆରମ୍ଭ ହେଉଛି। ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ମୋଟ୍ ୫୪୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରିବେ। ଆସନ୍ତା ଜୁନଖ୍ ୨୮ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ମତଦାତାମାନେ ଆସନ୍ତା ଜୁଲାଇ ମାସ ୫ ତାରିଖରୁ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତିପତ୍ର ଦାଖଲ କରିପାରିବେ। ସେପ୍ଟେମ୍ବର ମାସ ୨ ତାରିଖ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଗଞ୍ଜାମ ଜିଲ୍ଲାର ୧୩ଟି ବିଧାନସଭା କ୍ଷେତ୍ରରେ ଏସ୍.ଆଇ.ଆର୍. କାର୍ଯ୍ୟରେ ୩ ହଜାର ୧୨୪ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଓ ୩୧୧ ଜଣ

ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି। ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍.ଆଇ.ଆର୍ ପାଇଁ ପୂର୍ବରୁ ବିଏଲ୍ଓ ଓ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

**- V/O –**

HS

## ରାଜ୍ୟ ସରକାର– ଦୁଇ ବର୍ଷ ପୂରଣ

ରାଜ୍ୟରେ ବିଜେପି ସରକାରକୁ ଆସନ୍ତା ୧୨ ତାରିଖରେ ଦୁଇ ବର୍ଷ ପୂରଣ ହେବାକୁ ଯାଉଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨ ତାରିଖଠାରୁ ୭ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଭାଗର ସମୀକ୍ଷା କରିବେ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତା, ଯୋଜନା ପ୍ରଣୟନ ଏବଂ କାର୍ଯ୍ୟକାରିତାର ପ୍ରଦର୍ଶନ ସମୀକ୍ଷା କରିବେ। ପ୍ରଥମ ଦିନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଭାଗର ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ଆସୁଥିବା ବେଳେ ଅନେକ କ୍ଷେତ୍ରରେ ସଫଳତା ମିଳିଛି ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

Desk

## ଜାତୀୟ ଯୁଦ୍ଧ ସ୍ମାରକୀ

ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନିଲ ଚୌହାନ ଆଜି ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀରେ ନୌସେନା, ବାୟୁସେନା ଓ

ସ୍ଥଳସେନା ପକ୍ଷରୁ ଗାର୍ଡ ଅଫ୍ ଅନର ଗ୍ରହଣ କରିବା ପରେ ସାମରିକ ସେବାରୁ ଅବସର ଗ୍ରହଣ କରିଛନ୍ତି । ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ, ଜେନେରାଲ ଚୌହାନ କହିଥିଲେ ଯେ ତିନି ସେନାର ଗାର୍ଡ ଅଫ୍ ଅନର ସହିତ ଅବସର ଗ୍ରହଣ କରିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନର ବିଷୟ । ଚାରି ଦଶନ୍ଧିରୁ ଅଧିକ ସମୟର ସାମରିକ ସେବା ପରେ ଜେନେରାଲ ଚୌହାନ ତାଙ୍କ କାର୍ଯ୍ୟକାଳକୁ ସନ୍ତୋଷଜନକ ବୋଲି କହିଛନ୍ତି ।

୧୯୮୧ ମସିହାରେ ଭାରତୀୟ ସେନାରେ ଯୋଗ ଦେଇଥିବା ଜେନେରାଲ ଚୌହାନ ୪୦ ବର୍ଷରୁ ଅଧିକ ସମୟ ଧରି ଦେଶ ସେବା କରିଥିଲେ ଏବଂ ତାଙ୍କ ପ୍ରଶଂସନୀୟ ସାମରିକ କ୍ୟାରିୟର ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳି ଥିଲେ । ଜେନେରାଲ ଚୌହାନଙ୍କୁ ପରମ ବିଶେଷ ସେବା ପଦକ, ଉତ୍ତମ ଯୁଦ୍ଧ ସେବା ପଦକ, ଅତି ବିଶେଷ ସେବା ପଦକ, ସେନା ପଦକ ଏବଂ ବିଶେଷ ସେବା ପଦକ ପ୍ରଦାନ କରାଯାଇଛି । ଲେଫ୍‌ଟନାଣ୍ଟ ଜେନେରାଲ ଏନ.ଏସ ରାଜା ସୁବ୍ରମଣି, ଜେନେରାଲ ଚୌହାନଙ୍କ ସ୍ଥାନରେ ପ୍ରତିରକ୍ଷା ମୁଖ୍ୟ ଭାବେ କାର୍ଯ୍ୟ କରିବେ ।

Desk

## କୁଳପତି ସମ୍ମିଳନୀ

ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଓ ସଂସ୍ଥାଗତ ସଂସ୍କାର ଆଣିବା ପାଇଁ ଆସନ୍ତାକାଲିଠାରୁ ଭୁବନେଶ୍ୱର ଲୋକଭବନଠାରେ କୁଳପତି

ସମ୍ମିଳନୀ ଆରମ୍ଭ ହେବ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସହ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଆଧୁନିକ କରିବା ଉପରେ ଆଲୋଚନା କରାଯିବ। ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟାନ୍ୱୟନ, ଗବେଷଣା, ନୂତନତ୍ୱକୁ ପ୍ରୋତ୍ସାହନ, ଡିଜିଟାଲ ଶିକ୍ଷା ପ୍ରଣାଳୀ ଏବଂ କୌଶଳ ଭିତ୍ତିକ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ  ବୃଦ୍ଧି ଉପରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯିବ। ଉଚ୍ଚଶିକ୍ଷାରେ ଗବେଷଣାମୂଳକ ଅଧ୍ୟୟନ ଓ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ନେଇ ମଧ୍ୟ ମତବିନିମୟ କରାଯିବ। ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଓ ଶିଳ୍ପ ସଂସ୍ଥାନ ଗୁଡ଼ିକ ସହିତ ଶିକ୍ଷାନୁଷ୍ଠାନମାନଙ୍କ ସମନ୍ୱୟକୁ ମଧ୍ୟରେ ଏଥିରେ ଗୁରୁତ୍ୱ ଦିଆଯିବ। ଗତକାଲି ଲୋକଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୌଜନ୍ୟମୂଳକ ସାକ୍ଷାତ କରି ଆୟୋଜିତ ହେବାକୁ ଥିବା କୁଳପତି ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ।

Desk

## ଇବୋଲା ଭାଇରସ୍

ଭୁବନେଶ୍ୱର ଲୋକସେବା ଭବନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଇବୋଲା ଭାଇରସ୍‌କୁ ନେଇ ସ୍ୱାସ୍ଥ୍ୟ ବିଭାଗ

ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଆବଶ୍ୟକୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଚିକିତ୍ସା ସୁବିଧା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସଚିବ ଅଶ୍ୱିତି ଏସ୍. ଓ ବିଭିନ୍ନ ଘରୋଇ ହସ୍ପିଟାଲର କର୍ତ୍ତୃପକ୍ଷମାନେ ଏଥିରେ ସାମିଲ ହୋଇଥିଲେ।

Desk

## ହିନ୍ଦୀ ସାମ୍ବାଦିକତା ଦିବସ

ହିନ୍ଦୀ ଭାଷାରେ ପ୍ରକାଶିତ ପ୍ରଥମ ସମ୍ବାଦପତ୍ର ଉଦନ୍ତ-ମାର୍ତ୍ତଣ୍ଡ ସ୍ମୃତିରେ ପ୍ରତବର୍ଷ ଆଜିର ଦିନକୁ ଦେଶରେ ହିନ୍ଦୀ ସାମ୍ବାଦିକତା ଦିବସ ରୂପେ ପାଳନ କରାଯାଉଛି। ୧୮୨୬ ମସିହା ମଇ ମାସ ୩୦ ତାରିଖରେ ଉଦନ୍ତ-ମାର୍ତ୍ତଣ୍ଡ ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଳ କିଶୋର ଶୁକ୍ଳ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଏହାର ପ୍ରକାଶନ ଆରମ୍ଭ କରିଥିଲେ। ଇଂରେଜ ଶାସନ ସମୟରେ ଏହି ସମ୍ବାଦପତ୍ର ଲୋକମାନଙ୍କର ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଥିଲା।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ...

ହିନ୍ଦୀ ସାମ୍ବାଦିକତା ଦେଶର ସାମାଜିକ, ସାହିତ୍ୟିକ ଓ ରାଜନୈତିକ ଚେତନାକୁ ଜାଗୃତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ସ୍ୱାଧୀନତା ଆନ୍ଦୋଳନ ସମୟରେ ହିନ୍ଦୀ ସମ୍ବାଦପତ୍ରଗୁଡ଼ିକ ଜନସାଧାରଣଙ୍କୁ ସଚେତନ, ଜାତୀୟତାବାଦୀ ଭାବନା ପ୍ରଚାର ଓ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାରେ ବିଶେଷ ସହାୟକ ହୋଇଥିଲା । ସେହି ସମୟରେ ସମ୍ବାଦପତ୍ର କେବଳ ସୂଚନାର ଉତ୍ସ ନୁହେଁ ବରଂ ଦେଶ ଭକ୍ତିର ଅଗ୍ନିଶିଖା ଭାବେ ଉଦ୍ରେକ ହୋଇଥିଲା ।  ହିନ୍ଦୀ ସାମ୍ବାଦିକତା ସମାଜ ସଂସ୍କାର କ୍ଷେତ୍ରରେ ମଧ୍ୟ ଅନେକ ସଚେତନତା ସୃଷ୍ଟି କରିଥିଲା । ଡିଜିଟାଲ ଯୁଗରେ ହିନ୍ଦୀ ସାମ୍ବାଦିକତାରେ ବିଭିନ୍ନ ପରିବର୍ତ୍ତନ ଆସିଥିଲେ ମଧ୍ୟ ଛାପା ଗଣମାଧ୍ୟମ, ଟେଲିଭିଜନ, ୟୁଟ୍ୟୁବ, ନ୍ୟୁଜ ପୋର୍ଟାଲ ଓ ସାମାଜିକ ଗଣମାଧ୍ୟମରେ ହିନ୍ଦୀରେ ଖବର ପ୍ରସାରଣ ଏବେ ବି ଜାରି ରହିଛି । ହିନ୍ଦୀ ସାମ୍ବାଦିକତା ଦିବସ ଆମକୁ ସ୍ମରଣ କରାଯାଇ ସାମ୍ବାଦିକତା କେବଳ ଏକ ପେଶା ନୁହେଁ ଏହା ଏକ ଦାୟିତ୍ୱ, ସଂଘର୍ଷ ଓ ସମାଜସେବାର ଶକ୍ତିଶାଳୀ ମାଧ୍ୟମ । ସତ୍ୟ, ନିତିନିଷ୍ଠ ସାମ୍ବାଦିକତା ଏକ ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Puri

## ଅଭିଯୋଗ ଶୁଣାଣି

ପୁରୀରେ ଆସନ୍ତା ମାସରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ପାଇଁ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଜୁନ୍ ମାସ

୯ ତାରିଖରେ ଜିଲ୍ଲା ସଦର ମହକୁମା ସଦ୍‌ଭାବନା ସଭାଗୃହ, ୮ ତାରିଖରେ ଅସ୍ତରଙ୍ଗ ବ୍ଲକ୍ ସମ୍ମିଳନୀରେ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଶୁଣାଣି ଶିବିର ଅନୁଷ୍ଠିତ ହେବ। ୧୬ ତାରିଖରେ ପିପିଲି, ୨୨ ତାରିଖରେ ଡେଲାଙ୍ଗ ଓ ୨୯ ତାରିଖରେ ଗୋପ୍‌ରେ ଜନଅଭିଯୋଗ ଶୁଣାଣି ହେବା ନେଇ ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ମିଳିଛି।

Nabarangpur

## ପୋଷ୍ଟ ଅଫିସ୍ ଶାଖା ଉଦ୍‌ଘାଟନ

ନବରଙ୍ଗପୁର ସହରରେ ବଜାର ପୋଷ୍ଟ ଅଫିସ୍ ଶାଖାକୁ ବିଧାୟକ ଗୌରୀଶଙ୍କର ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ର ସରକାର ଡାକ ବିଭାଗକୁ ଅଧିକ ସୁସଂଗଠିତ କରିବା ପାଇଁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସହ ଡାକ ବିଭାଗକୁ ନୂତନ ରୂପରେଖ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

Gajapati

## ଆତ୍ମନିଯୁକ୍ତି ପ୍ରଶିକ୍ଷଣ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କ୍ଷେତ୍ରରେ ଆସନ୍ତା ରଥଯାତ୍ରା ପାଳନ ନେଇ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ଉପରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଯାତ୍ରା

ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥା ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

Desk

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁରରେ ସର୍ବାଧିକ ୭୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।